# ପତିତପାବନ ଶ୍ରୀଜଗନ୍ନାଥ

ଡକ୍ଟର ପୂର୍ଣ୍ଣଚନ୍ଦ୍ର ସାହୁ

ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଧାମ ଶ୍ରୀକ୍ଷେତ୍ର । ଏ କ୍ଷେତ୍ରର କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର କେବଳ ରାଷ୍ଟ୍ରଦେବତା ନୁହଁନ୍ତି, ତାଙ୍କର ଏକାନ୍ତ ଅନ୍ତରଙ୍ଗ, ସକଳ ବିଶ୍ୱାସର କେନ୍ଦ୍ରବିନ୍ଦୁ, ହୃଦୟର ଆତ୍ମା । ଓଡ଼ିଶା ବାହାରେ କାହାକୁ ଓଡ଼ିଶାର ପରିଚୟ ଦେଲେ ହୁଏତ ସେ ବୁଝିପାରେ ନପାରେ କିନ୍ତୁ ଜଗନ୍ନାଥ ଦେଶ କହିଲେ ଯେ କେହି ଓଡ଼ିଶାକୁ ହିଁ କେବଳ ବୁଝିଥାନ୍ତି । ଏଥିରୁ ଜଗନ୍ନାଥଙ୍କ ମହିମା କେତେ ସୁଦୂର ପ୍ରସାରିତ ତାହାର ବାସ୍ନା ବାରିହୁଏ । ଏଣୁ ଓଡ଼ିଶାର ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସକୁ ହିଁ ବୁଝାଇଥାଏ ।



ଶ୍ରୀମନ୍ଦିରର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ, ଇତିହାସ ଓ କିମ୍ବଦନ୍ତୀ ଏଠାରେ ଏକାଠି ଯେମିତି ଦୁଇ ସମାନ୍ତର ସରଳ ରେଖା ହୋଇ ଗତି କରି ଚାଲିଛନ୍ତି । ମାଦଳା ପାଞ୍ଜିକୁ ଯଦି ଶ୍ରୀମନ୍ଦିର ଇତିହାସ ବୋଲି ଧରାଯାଏ ତା' ମଧ୍ୟରେ ବହୁ କିମ୍ବଦନ୍ତୀ ଗୁମ୍ଫିତ ହୋଇ ରହି ନାହିଁ କି ? କିମ୍ବଦନ୍ତୀ ଯେ, ଇତିହାସର ଗୋଟିଏ ଅପରିହାର୍ଯ୍ୟ ଉପାଦାନ ଏଥିରେ ବୁଝିବାର କ'ଣ ଅଛି ?

ବାସ୍ତବିକ ଏହା ଏକ ମହାଶ୍ଚର୍ଯ୍ୟ କ୍ଷେତ୍ର । ଏ ତ କ୍ଷେତ୍ର ନୁହେଁ, ଏକ ସ୍ପର୍ଶମଣି । ଯାହାର କ୍ଷଣିକ ସ୍ପର୍ଶ ପାଇ ଅନନ୍ତ କାଳରୁ ଅଗଣିତ ସାଧୁ, ସନ୍ଥ, ଧର୍ମ ପ୍ରଚାରକ ଏ କ୍ଷେତ୍ରରେ ସ୍ୱଧର୍ମ ପ୍ରଚାରିବାକୁ ଆସି ନିଜ ଧର୍ମ ଆଗମନର ସମସ୍ତ ଉଦ୍ଦେଶ୍ୟକୁ ଭୁଲି ମହାପ୍ରଭୁଙ୍କ ଅଲୌକିକ ଲୀଳା ରହସ୍ୟ ଦର୍ଶନ କରି ସର୍ବଧର୍ମ ସମନ୍ୱିତ ଶ୍ରୀଜଗନ୍ନାଥ ଧର୍ମ ତୀର୍ଥ ମହାସାଗରରେ ନିଜକୁ ବୁଡେଇ ଦେଇ ତା' ଭିତରେ ସ୍ୱଧର୍ମର ପ୍ରତିବିମ୍ବ ଦେଖି ପାରିଛନ୍ତି ।

ବିଶ୍ୱ ବିସ୍ମୟର ସର୍ବଶ୍ରେଷ୍ଠ ଗଣଧର୍ମ ପୀଠ ଶ୍ରୀମନ୍ଦିରର ବେଢା ପରିକ୍ରମା କରିବାକୁ ଯିବାବେଳେ ଭକ୍ତ ସିଂହଦ୍ୱାର ସନ୍ନିକଟ ଅରୁଣସ୍ତମ୍ଭ ଚକଡ଼ା ଓ ସିଂହଦ୍ୱାର ଗୁମଟ ମଧ୍ୟରେ ସର୍ବପ୍ରଥମେ ଦର୍ଶନ କରେ 'ପତିତପାବନ'ଙ୍କୁ । ବାସ୍ତବିକ୍ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଏକ ସ୍ୱତନ୍ତ୍ର ବିଗ୍ରହ । ଶ୍ରୀଜଗନ୍ନାଥଙ୍କ ସହ ତାଙ୍କର ସାଦୃଶ୍ୟ ରହିଥିଲେ ବି ତାଙ୍କର ଦୁଇଭୁଜ ନାହିଁ । ସେ କେବଳ ଶ୍ରୀଜଗନ୍ନାଥଙ୍କର ଏକ ପ୍ରତୀକାତ୍ମକ ବିଗ୍ରହ । ଅନେକ ମନ୍ଦିରରେ ପତିତପାବନ ପୂଜା ପାଉଥିଲେ ମଧ୍ୟ କେବଳ ଶ୍ରୀମନ୍ଦିରରେ ହିଁ ପତିତପାବନ–ଉପାସନା ବିଧିବଦ୍ଧ ଭାବେ ଦେଖିବାକୁ ମିଳିଥାଏ । ଏହାଙ୍କ ସୃଷ୍ଟି ରହସ୍ୟ କାଳ ନିରୂପଣରେ ଇତିହାସରେ କୌଣସି ସୂଚନା ନଥିଲେ ମଧ୍ୟ ଜନଶ୍ରୁତି, କିମ୍ବଦନ୍ତୀ, ପ୍ରାଚୀନ ସାହିତ୍ୟ ଏହାଙ୍କ ଗୁଣକୀର୍ତ୍ତନରେ ଅତୀବ ମୁଖର । ଗଜପତି ପୁରୁଷୋତ୍ତମ ଦେବଙ୍କ 'ମୁକ୍ତି ଚିନ୍ତାମଣି'(ଶ୍ରୀମନ୍ଦିର ଦର୍ଶନକ୍ରମ), ବଳରାମ ଦାସଙ୍କ 'ବେଢ଼ାବୁଲା', ବିପ୍ର ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ', କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟ ଚରିତାମୃତ', 'ଚୈତନ୍ୟ ଭାଗବତ', ମେଦିନୀପୁର ମଣ୍ଡଳର କାନ୍ଥି ନିକଟ ବାହିରି

'ପତିତପାବନ ମଠ'ର ସୃଷ୍ଟି ଇତିହାସ, ପ୍ରାବନ୍ଧିକ ବ୍ରଜ ପାଇକରାୟ, ରଘୁନାଥ ମହାପାତ୍ରଙ୍କ ପ୍ରବନ୍ଧ, ଔପନାସିକ ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ, ନିଳାଦ୍ରୀ ବିଜୟ, ଐତିହାସିକ କୃପାସିନ୍ଧୁ ମିଶ୍ରଙ୍କ 'ଉତ୍କଳ ଇତିହାସ' ଡକ୍ଟର ମହତାବ, ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ଯଜ୍ଞକୁମାର ସାହୁ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଓଡ଼ିଶା ଇତିହାସ, ଗବେଷକ ସ୍ୱର୍ଗତଃ ସଦାଶିବ ରଥଶର୍ମାଙ୍କ ରଚନାବଳୀ (ପ୍ରଥମଭାଗ), ଗବେଷକ ଡକ୍ଟର ହରିହର କାନୁନଗୋ, ଡକ୍ଟର ଗଗନେନ୍ଦ୍ର ଦାଶଙ୍କ ଝଙ୍କାରରେ ପ୍ରକାଶିତ ଗବେଷଣାମୂଳକ ପ୍ରବନ୍ଧକୁ ଅଧ୍ୟୟନ କରିବା ପରେ ହୃଦବୋଧ ହେଉଛି, ଆଜକୁ ପ୍ରାୟ ୨୦୦ ବର୍ଷତଳେ ଭୋଇବଂଶୀୟ ଗଜପତି ଦ୍ୱିତୀୟ ରାମଚନ୍ଦ୍ରଦେବ ଯବନୀ ରିଜିୟାବିବିକୁ ବିବାହ କରି ଜାତିଭ୍ରଷ୍ଟ ହୋଇ ଶ୍ରୀମନ୍ଦିର ପ୍ରବେଶାଧିକାରରୁ ବଞ୍ଚିତ ହେବା ପରେ ତାଙ୍କ ଦର୍ଶନ ପାଇଁ 'ପତିତପାବନ' ବିଗ୍ରହ ସିଂହଦ୍ୱାର ଗୁମୁଟରେ ସ୍ଥାପିତ ହୋଇଥିଲା ବୋଲି ଜନସାଧାରଣଙ୍କ ମନରେ ଯେଉଁ ବଦ୍ଧମୂଳ ଧାରଣା ରହିଛି, ତାହା ବୋଧେ ଭ୍ରମାତ୍ମକ ।

ଶ୍ରୀଜଗନ୍ନାଥ ମନ୍ଦିରରେ 'ପତିତପାବନ' ଉପାସନା ସୁପ୍ରାଚୀନ। ପୁରୁଷୋତ୍ତମ ଦେବଙ୍କ 'ମୁକ୍ତିଚିନ୍ତାମଣି', ବଳରାମ ଦାସଙ୍କ 'ବେଢ଼ାବୁଲା', କୃଷ୍ଣଦାସ କବିରାଜଙ୍କ ଚୈତନ୍ୟ ଚରିତାମୃତ'ରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଥାଏ। ଚୈତନ୍ୟ ଚରିତାମୃତ ଅନୁଯାୟୀ ୧୫୧୦ ଖ୍ରୀଷ୍ଟାବ୍ଦରେ ଚୈତନ୍ୟଙ୍କ ପ୍ରଥମ ପୁରୀ ଆଗମନ କାଳରେ ସେ ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ପତିତପାବନଙ୍କୁ ଦର୍ଶନ କରି ଭାବବିହ୍ୱଳିତ ହୋଇ ମୂର୍ଚ୍ଛିତ ହୋଇ ପଡ଼ିଥିଲେ। ଗବେଷକ ପଣ୍ଡିତ ସ୍ୱର୍ଗୀୟ ସଦାଶିବ ରଥଶର୍ମା ସ୍ୱୟଂ ରଚନାବଳୀର ପ୍ରଥମ ଭାଗରେ 'ପତିତପାବନ ଓ ପାବନଭୂମି' ପ୍ରବନ୍ଧରେ ପତିତପାବନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରି ଲେଖିଛନ୍ତି । ପତିତପାବନଙ୍କର ଚିତ୍ରିତ ବିଗ୍ରହ ସୁଦୂର ଅତୀତରୁ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ତୋରଣ ଉପରେ ଥିଲା, ତାଙ୍କ ପାଷାଣ ବିଗ୍ରହ ଅଦ୍ୟାବଧି ଶ୍ରୀମନ୍ଦିର କଳାହାଟ ଦ୍ୱାର ସନ୍ନିକଟ ଶ୍ରୀମନ୍ଦିରର ପ୍ଲଟ ନମ୍ବର ୧୮ରେ ପୁରାଣ ପଣ୍ଡାଘରେ ରହି ନିୟମିତ ସେବାପୂଜା ପାଇ ଆସୁଛନ୍ତି । ଏହାଛଡ଼ା ଶ୍ରୀମନ୍ଦିର ସ୍ୱତ୍ୱଲିପି ପ୍ରଥମ ଭାଗ(ନୀତି)ର ୧୧ ପୃଷ୍ଠାରେ ଉଲ୍ଲେଖିତ ରହିଛି ଶ୍ରୀମନ୍ଦିର ଭିତର ବେଢ଼ାର ପ୍ଲଟ ନମ୍ବର ୯୪(ଘ)ରେ ବଟ ପତିତପାବନ ମନ୍ଦିର ଅଛି। ବଟ ପତିତପାବନ ସର୍ବସାଧାରଣ ଭକ୍ତଙ୍କ ମନରେ ବଟକୃଷ୍ଣ ନାମରେ ପରିଚିତ। ଏ କ୍ଷେତ୍ରରେ ଆହୁରି ପାଦେ ଆଗେଇ ଯାଇ ୧୯୯୭ ମସିହା ଫେବୃଆରୀ ମାସରେ ଆତ୍ମପ୍ରକାଶ କରିଥିବା ଝଙ୍କାର ପତ୍ରିକାରେ ଡକ୍ଟର ହରିହର କାନୁନଗୋ 'ପିତିତପାବନ ଜଗନ୍ନାଥ ଓ ଶ୍ରୀମନ୍ଦିରର ମୁକ୍ତ ପରମ୍ପରା' ପ୍ରବନ୍ଧରେ ଲେଖିଛନ୍ତି– 'ପ୍ରକୃତ କଥା ଏହିକି ଦେଉଳ ପ୍ରତିଷ୍ଠାର ପ୍ରାରମ୍ଭରୁ ହିଁ ଜଗନ୍ନାଥଙ୍କର ଏହି ପତିତପାବନ ବ୍ୟକ୍ତିତ୍ୱ ଶ୍ରୀମନ୍ଦିର ଭିତରେ ସୁପ୍ରତିଷ୍ଠିତ ହୋଇରହି ସ୍ୱତ୍ୱଲିପିରେ ସ୍ଥାନପାଇଛି । ମାତ୍ର ସେଇ ପତିତପାବନ ବ୍ୟକ୍ତିତ୍ୱ ସିଂହଦ୍ୱାର ଗୁମୁଟରେ ଅଙ୍କିତ ପତିତପାବନ ଚିତ୍ର ନୁହଁନ୍ତି । ସ୍ୱତ୍ୱଲିପିରେ ସ୍ୱୀକୃତି ପାଇ ମନ୍ଦିର ପ୍ରତିଷ୍ଠା ପ୍ରାରମ୍ଭରୁ ଯେଉଁ ପତିତପାବନ ମୂର୍ତ୍ତି ପୂଜା ପାଇ ଆସୁଛନ୍ତି, ତାହାଙ୍କର ଅବସ୍ଥିତି ବଡ଼ଦେଉଳ ଅନ୍ତର୍ଗତ କଳାଘାଟଦ୍ୱାର ନିକଟରେ ଥିବା ୧୮ନମ୍ବର ପ୍ଲଟସଂଲଗ୍ନ ପୁରାଣ ପଣ୍ଡାଘରେ ରହିଅଛି। ତାହାଙ୍କର ଏକ ନିର୍ଦ୍ଦିଷ୍ଟ ସେବାପୂଜାର ବ୍ୟବସ୍ଥା ସ୍ୱତ୍ୱଲିପିରେ ସ୍ଥାନ ପାଇଅଛି। ସିଂହଦ୍ୱାର ଗୁମୁଟରେ ଅଙ୍କିତ ହୋଇଥିବା ଜଗନ୍ନାଥଙ୍କର ପ୍ରତିବିମ୍ବ ଏକଚିତ୍ର ବିଶେଷ ହୋଇଥିବା ବେଳେ ସ୍ୱତ୍ୱଲିପି ବର୍ଣ୍ଣନାମତେ ପୁରାଣ ପଣ୍ଡାଙ୍କ ଗୃହରେ ପୂଜାପାଉଥିବା ପତିତପାବନ ଏକ ମୂର୍ତ୍ତି ବିଶେଷ ଓ ସେହି ମୂର୍ତ୍ତି ଭଗବାନ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ସ୍ୱରୂପ। ଡକ୍ଟର କାନୁନଗୋଙ୍କ ପ୍ରବନ୍ଧ, ଭାଷାତତ୍ତ୍ୱ ବିତ୍ ଡକ୍ଟର ଗଗନେନ୍ଦ୍ର ଦାଶ ମହାଶୟଙ୍କ ଝଙ୍କାରରେ ପ୍ରକାଶିତ 'ପତିତପାବନ ଜଗନ୍ନାଥ' ପ୍ରବନ୍ଧ, ସାରଳା ଦାସଙ୍କ ରଚନା ଓ ତାଙ୍କ ପରବର୍ତ୍ତୀ ପ୍ରାଚୀନ ପଞ୍ଚସଖା ଯୁଗୀୟ କବି ଯଶୋବନ୍ତ ଦାସ ତାଙ୍କ ଶିବ ସ୍ୱରୋଦୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ପତିତପାବନ ଭାବରେ ସମ୍ବୋଧନ କରି ଲେଖିଛନ୍ତି– 'କୋଟିକୋଟି ପତିତପାବନ ଦେହ ଧରି ତିନିଭୁବନରେ ନାଥ 'ନୀଳାଦ୍ରି ବିହାରୀ'। ଆର୍ତ୍ତଦାସ, ଚାନ୍ଦ ଦାସ, ଦୀନକୃଷ୍ଣ ଦାସ, ଗୋବିନ୍ଦଭଞ୍ଜ, ଉପେନ୍ଦ୍ରଭଞ୍ଜ, କୃଷ୍ଣଦାସ କବିରାଜ ପ୍ରଭୃତି କବିମାନେ ତାଙ୍କ ରଚନାରେ ବହୁଳ ଭାବରେ ଯେଉଁ ପତିତପାବନଙ୍କ କଥା ଉଲ୍ଲେଖ କରି ଲେଖିଛନ୍ତି, ସେ ପୁରାଣ ପଣ୍ଡା ଘରେ ପୂଜାପାଉଥିବା ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ୱରୂପ ପତିତପାବନ ମୂର୍ତ୍ତି ଅଟନ୍ତି। ସିଂହଦ୍ୱାର ଗୁମୁଟରେ ଅଙ୍କିତ ପତିତପାବନ ଚିତ୍ରଟି କେବଳ ବିପ୍ର ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ'ରୁ ହିଁ ମିଳିଥାଏ। କେଦାରନାଥ ମହାପାତ୍ରଙ୍କ ମତରେ ଯେହେତୁ ଦିବାକର ଦାସ, ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମସାମୟିକ କବି ଥିଲେ, ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଆଦେଶରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଗୁମୁଟରେ ଅସ୍ଥାୟୀ ଭାବେ ପତିତପାବନ ଚିତ୍ର ଅଙ୍କିତ ହେଲା ।

ପୁରାଣପଣ୍ଡା ଘରେ ପୂଜିତ ପତିତପାବନ ବିଗ୍ରହଙ୍କ ସହିତ ବୌଦ୍ଧ ମୂର୍ତ୍ତିର ଥିବା କିଛି ସାମ୍ୟର କାରଣ ଦର୍ଶକମାନଙ୍କୁ ଅବଗତ କରାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ 'ସଂସ୍କୃତ ଓ ସଂସ୍କୃତି ପ୍ରକାଶନ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। 'ଜାଣିଥିବେ

ମହାଯାନରେ ମୈତ୍ରୀର ସାଧନା ଯାଇ ସେଠାରେ ପଶିଲା କରୁଣା ଓ ସେଥିରେ ଅମୁକ୍ତବା ପତିତର ସେବା। କୁହାଗଲା ନିଜେ ନିର୍ବାଣ ଲାଭ କରିଥିଲେ ମଧ୍ୟ ନିର୍ବାଣର ପୂଜା ଅଧିକାରୀ ହୋଇଥିଲେ ହେଁ ଜଗତରେ 'ପତିତ'ର ଉଦ୍ଧାର ଲାଗି ସର୍ବଦା କର୍ମ କରିବାକୁ। ସ୍ୱୟଂ ବୁଦ୍ଧ ମଧ୍ୟ ସେଇପରି ପତିତ ସେବାରେ ଲାଗିଛନ୍ତି ଓ ଜଗତର ପ୍ରତ୍ୟେକ ଜୀବ ନିର୍ବାଣ ପାଇବା ଯାଏଁ ସେ ଏଇ ସେବା ଧର୍ମରେ ଲାଗିଥିବେ ଏଇଠାରେ ପତିତପାବନ ଧର୍ମର 'ଅଙ୍କୁରା ରୋପଣ'।

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅରୁଣସ୍ତମ୍ଭ ସ୍ଥାପନ ସମୟର ଫଟୋଚିତ୍ର ଓ ମେଦିନିପୁର ମଣ୍ଡଳର କାନ୍ଥି 'ବାହିରି ବଡ଼ମଠ' ପ୍ରତିଷ୍ଠାକୁ ଆଲୋଚନା ପରିସରଭୁକ୍ତ କରି ପଣ୍ଡିତ ସ୍ୱର୍ଗତଃ ସଦାଶିବ ରଥଶର୍ମା ପତିତପାବନ ଉପାସନାର ପ୍ରାଚୀନତ୍ୱ ପ୍ରମାଣ କରିବାକୁଯାଇ ଲେଖିଛନ୍ତି– ୧୭୭୫–୧୮୦୦ ମସିହା ମଧ୍ୟରେ' କୋଣାର୍କରୁ ଅରୁଣସ୍ତମ୍ଭ ଅଣାଯାଇ ସିଂହାଦ୍ୱାର ସମ୍ମୁଖରେ ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ ହୋଇନଥିବା ବେଳେ ତତ୍କାଳୀନ ପ୍ରତ୍ନତତ୍ତ୍ୱ ବିଭାଗ ଶ୍ରୀମନ୍ଦିର ସିଂହଦ୍ୱାରର ଯେଉଁ 'ଫଟୋଚିତ୍ର ଉତ୍ତୋଳନ କରିଥିଲେ, ସେଥିରେ ସିଂହଦ୍ୱାର ତୋରଣ ଉପରେ ପତିତପାବନ ବା ଏକକ ଜଗନ୍ନାଥ ମୂର୍ତ୍ତି ଚିତ୍ରିତ ଅବସ୍ଥାରେ ଥିଲେ।

ଓଡ଼ିଶା ଇତିହାସ ଅନୁସନ୍ଧାନ କଲେ ଜଣାଯାଏ ୧୬୨୦ରୁ ୧୬୯୮ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଇକ୍ରମ ଖାଁ ଓଡ଼ିଶାର ସୁବାଦାର ଥିଲେ। ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ସୟଦ ମହମ୍ମଦ ସେନାବାହିନୀ ସହ ୧୬୯୭ ଖ୍ରୀଷ୍ଟାବ୍ଦ ମେ ମାସ ୧୭ ତାରିଖ ଦିନ ପୁରୀ ଆସି ବେଢାର ସିଂହଦ୍ୱାର ଭାଙ୍ଗି ଦେଇଥିଲେ। ଏ ସମୟରେ ଜଗନ୍ନାଥଙ୍କୁ ବାଣପୁରର ଯେଉଁ ସ୍ଥାନରେ ଗୋପ୍ୟ କରାଯାଇଥିଲା, ସେ ସ୍ଥାନ ଏବେ ନୀଳାଦ୍ରିପ୍ରସାଦ ନାମରେ ନାମିତ। ପରେ ୧୬୯୮ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରକୁ ଅଣାଯାଇ ପୁନଃ ବିଜେ କରାଇଥିଲେ। ବିଧର୍ମୀମାନେ ସିଂହଦ୍ୱାର ତୋରଣ ଭାଙ୍ଗିଦେବାରୁ ତୋରଣ ଉପରିସ୍ଥ ଚିତ୍ରିତ ପତିତପାବନ ମୂର୍ତ୍ତି ସ୍ୱତଃ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ କାଳରେ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଆଜ୍ଞାରେ ବର୍ତ୍ତମାନ ଯେଉଁଠି ପତିତପାବନ ମୂର୍ତ୍ତି ବିରାଜିତ ସେଠାରେ ଏକ୍ ଚିତ୍ରିତ ପତିତପାବନ ମୂର୍ତ୍ତି କରାଯାଇଥିଲା। ସିଂହଦ୍ୱାର ଗୁମୁଟ ମଧ୍ୟରେ ଏକ ଚିତ୍ରିତ ପତିତପାବନ ମୂର୍ତ୍ତି ଥିବାରୁ ଗୁମଟ ତୋରଣ ଉପରେ ପୁନର୍ବାର ଆଉଏକ ଚିତ୍ରିତ ପତିତପାବନ ମୂର୍ତ୍ତି ରଖାଯିବା ଅନାବଶ୍ୟକ ମନେହୋଇଥିବାରୁ ବୋଧହୁଏ ତୋରଣ ଉପରେ ଥିବା ଚିତ୍ରିତ ପତିତପାବନଙ୍କ ଶୂନ୍ୟସ୍ଥାନ ପୂରଣ ପାଇଁ ଏ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର, ଶ୍ରୀଧାମ, ଶ୍ରୀତୀର୍ଥ, ଶ୍ରୀଦେବୀ, ଶ୍ରୀମନ୍ଦିର ଏସବୁ ନାମକରଣର ସାର୍ଥକତା ପାଇଁ ହୁଏତ ଗୁମୁଟ ତୋରଣରେ ପତିତପାବନଙ୍କ ଚିତ୍ର ବଦଳରେ ଶ୍ରୀମହାଲକ୍ଷ୍ମୀ ମୂର୍ତ୍ତିଙ୍କୁ ସ୍ଥାପନା କରିବାପାଇଁ ବିବେଚନା କରାଯାଇଥିବ । ଏଣୁ ସିଂହଦ୍ୱାର ତୋରଣ ଉପରେ ଚିତ୍ରିତ ପତିତପାବନଙ୍କ ସ୍ଥାନରେ ଏକ ଲକ୍ଷ୍ମୀ ମୂର୍ତ୍ତି ଓ ତାଙ୍କ ଦୁଇପଟେ ଦୁଇଟି ସଖୀ ସ୍ଥାପନ କରାଯିବା ପାଇଁ ଚିନ୍ତା କରାଯାଇଥିବ ।

ରଥଶର୍ମାଙ୍କ ମତରେ ତୋରଣ ଉପରେ ଲକ୍ଷ୍ମୀଙ୍କ ସ୍ଥାପନା ୧୮୬୦ ମସିହା ସମୟରେ ହୋଇଥିବା ଅନୁମାନ। ଇତିହାସରୁ ଜଣାଯାଏ ଅଷ୍ଟାଦଶ ଶତକର ତୃତୀୟ ଦଶକରେ ଅର୍ଥାତ୍ ୧୭୨୭ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ଖୋର୍ଦ୍ଧା ସିଂହାସନ ଆରୋହଣ କରିବାପରେ ତାଙ୍କୁ ହିନ୍ଦୁ ବିଦ୍ୱେଷୀ ନାଏବ ନାଜିମ ତକି ଖାଁ ସହିତ ଧଉଳି, ରଥିପୁର, ବୋଲଗଡ଼ ପ୍ରଭୃତି ସ୍ଥାନରେ ବହୁବାର ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅଯଥା ରକ୍ତପାତ, ଧନ, ଜୀବନ ହାନି, ସନ୍ଧି ପ୍ରସ୍ତାବ ଉଲଘଂନ ପ୍ରଜାବତ୍ସଳ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ହୃଦୟକୁ ଗଭୀରଭାବରେ ମର୍ମାହତ କରୁଥିଲା। ସେ ତକି ଖାଁକୁ ଉପଯୁକ୍ତ ଶିକ୍ଷାଦେବା ପାଇଁ ବୋଲଗଡ଼ରେ ଆଶ୍ରୟ ନେଇଥିବା ବେଳେ ଦୃଢ଼ ସଂକଳ୍ପ ନେଇ ବୋଲଗଡ଼ର ପାଇକ, ଖଣ୍ଡାୟତମାନଙ୍କ ସାମରିକ ସାହାଯ୍ୟ, ବ୍ରଜମୋହନ ମଠ ମହନ୍ତ ଧର୍ମଯୁଦ୍ଧ ପରିଚାଳନା ନିମନ୍ତେ ଗୁରୁଙ୍କ ଗଚ୍ଛିତ ଅର୍ଥରାଶିକୁ ମୁକ୍ତହସ୍ତରେ ରାମଚନ୍ଦ୍ର ଦେବଙ୍କୁ ଅର୍ପଣ କରିବାରୁ ସେ ପ୍ରାଣମୂର୍ଚ୍ଛା ସଂଗ୍ରାମ କରି ବୋଲଗଡ଼ ଲୁଣିଆନାଳ ପାଖ ଦଶହରା ପଡ଼ିଆରେ ତୃତୀୟ ଥର ବୋଲଗଡ଼ ଯୁଦ୍ଧରେ ବିଧର୍ମୀ ତକି ଖାଁକୁ ପରାସ୍ତ କରି ନିଜର ଅଭୁତବୀର ବିକ୍ରମର ପରାକାଷ୍ଠା ପ୍ରଦର୍ଶନ କରି ଇତିହାସ ପୃଷ୍ଠାରେ ଚିରଦିନ ଅମଳିନ ରହିଗଲେ।

ଯୁଦ୍ଧର ଅନ୍ତହେଲା, ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ଦୁର୍ଦ୍ଦଶାର ଅନ୍ତ ହେଲାନି, ରାମଚନ୍ଦ୍ରଦେବଙ୍କ ପ୍ରଧାନମନ୍ତ୍ରୀ ପରମ ଲକ୍ଷ୍ମୀ ରାଜଗୁରୁଙ୍କ ଷଡ଼ଯନ୍ତ୍ରରେ ତକି ଖାଁର ମୃତ୍ୟୁଅନ୍ତେ ୧୭୩୪ ଖ୍ରୀଷ୍ଟାବ୍ଦରେ ସୁଜାଉଦ୍ଦିନଙ୍କ ଜାମାତା ଦ୍ୱିତୀୟ ମୁର୍ଷିଦ କୁଲି ଖାଁ ଓଡ଼ିଶାର ନାଏବ ନାଜିମ ହେଲେ । ସେ ଥିଲେ ଅତୀବ ଚତୁର ଓ ଚକ୍ରାନ୍ତକାରୀ। ଓଡ଼ିଶା ଉପରେ ନିଜର ଅଖଣ୍ଡ ପ୍ରଭୁତ୍ୱ ଜାହିର କରିବା ପାଇଁ ସେ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପସନ୍ଦ ନ କରି ବାହୁବଳ ଅପେକ୍ଷା ବୁଦ୍ଧିବଳ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ତାଙ୍କର ଅସଲି ଉଦେଶ୍ୟ ଥିଲା କୌଣସି ଉପାୟରେ ରାଜାଙ୍କୁ ବିଧର୍ମୀ କରାଇ ପାରିଲେ ରାଜାଙ୍କ ଉପରୁ ପାଇକ, ଖଣ୍ଡାୟତ ସମେତ ନିଜ ପରିବାର, ରାଜଗୁରୁ, କର୍ମଚାରୀ, ସେବାୟତ, ସମସ୍ତଙ୍କ ବିଶ୍ୱାସ ତୁଟିଯିବ। ଶ୍ରୀମନ୍ଦିରରେ ତାଙ୍କ ଗୁରୁତ୍ୱ କମିଯିବ।

ଓଡ଼ିଆମାନଙ୍କର ଜାତୀୟତା ଏକତା, ସହଂତି, ଦୃଢ଼ ମନୋବଳର ମେରୁଦଣ୍ଡ ଆପେଆପେ ଭାଙ୍ଗି ଯିବ।

ନିଜର ଅନ୍ୟାୟ ଅଭିଳାଷକୁ ଚରିତାର୍ଥ କରିବା ଲକ୍ଷ୍ୟରେ ଦ୍ୱିତୀୟ ମୁର୍ଷିଦ କୁଲି ଖାଁ ଚିଲିକାରୁ ଶ୍ରୀଜଗନ୍ନାଥଙ୍କୁ ଅଣାଇ ଶ୍ରୀମନ୍ଦିରରେ ସ୍ଥାପନ କରି ବିଧି ପୂର୍ବକ ତାଙ୍କ ସେବାପୂଜା ପର୍ବପର୍ବାଣି କରାଇଥିଲେ। କୌଶଳରେ ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ସହିତ ଅନ୍ତରଙ୍ଗ ବଂଧୁତା ସ୍ଥାପନ ପୂର୍ବକ ବାରବାଟୀ ଦୁର୍ଗକୁ ନିୟନ୍ତ୍ରଣ କରିଥିଲେ। ଏହି ସମୟରେ ବଙ୍ଗର ନବାବ ତକି ଖାଁର ପିତା ସୁଜାଉଦ୍ଦିନ ଖାଁ କଟକ ଆସି ରାମଚନ୍ଦ୍ରଦେବ ଦ୍ୱିତୀୟଙ୍କ ସହିତ ଯୁଦ୍ଧ କରିବାରୁ ରାମଚନ୍ଦ୍ର ଦେବ ଯୁଦ୍ଧକୁ ଏଡ଼ାଇଦେବା ପାଇଁ ଚେଷ୍ଟାକରି ବାରବାଟୀଦୁର୍ଗରେ ବନ୍ଦୀ ଥିବାବେଳେ ରାମଚନ୍ଦ୍ରଦେବ (୨ୟ)ଙ୍କୁ ବଂଗ ନବାବ ଓ ତତ୍କାଳୀନ ସେନାଧ୍ୟକ୍ଷ ସୁଜାଉଦ୍ଦିନ ଖାଁଙ୍କ କନ୍ୟା ଯବନୀ ରେଜିୟାଙ୍କୁ ବଳପୂର୍ବକ ବିବାହ କରାଇ ଦିଆଯାଇଥିଲା। ଫଳରେ ତାଙ୍କ ନାମ, କୁଳ, ଗୋତ୍ର ସବୁ ବଦଳିଯାଇଥିଲା। ଗଜପତି ହେଲେ ମ୍ଳେଚ୍ଛ 'ହାଫିଜ 'କାଦର ବେଗ'। ୧୭୩୪ ଖ୍ରୀଷ୍ଟାବ୍ଦରେ ରାମଚନ୍ଦ୍ର ଦେବ(୨ୟ) ବନ୍ଦୀ ଜୀବନରୁ ମୁକ୍ତି ପାଇଥିଲେ ମଧ୍ୟ ପ୍ରଜାଙ୍କ ଦୃଷ୍ଟିରେ ସେ ହେଲେ ବିଧର୍ମୀ, ଜାତିଭ୍ରଷ୍ଟ, ବିଶ୍ୱାସ ଘାତକ। ତାଙ୍କର ନିଜ ଉପରେ ଅଖଣ୍ଡ ବିଶ୍ୱାସ ଥିଲା। ସେ ଅବସ୍ଥା ଚକ୍ରରେ ପଡ଼ି ଯବନୀକୁ ବିବାହ କରିଥିଲେ ମଧ୍ୟ ନିଜ ଆରାଧ୍ୟ ଜଗନ୍ନାଥଙ୍କଠାରୁ ତାଙ୍କର ବିନ୍ଦୁଏ ଭକ୍ତି କମି ନଥିଲା। ମନ, ହୃଦୟ, ଚିନ୍ତା ଚେତନାରେ ସେ ଥିଲେ ହିନ୍ଦୁ। ଜଗନ୍ନାଥ ତାଙ୍କର ଆରାଧ୍ୟ ଦେବତା। ଏହାର ପ୍ରମାଣ ତାଙ୍କ ରାଜତ୍ୱର ଶେଷ ଭାଗରେ ପ୍ରଦତ୍ତ ସନନ୍ଦମାନଙ୍କରୁ ଦେଖିବାକୁ ମିଳିଥାଏ।

ଜଗନ୍ନାଥ ପ୍ରାଣ ରାମଚନ୍ଦ୍ର ଦେବ ଏକଦା ଶ୍ରୀଜଗନ୍ନାଥ ଦର୍ଶନ ଆଶାରେ ଅନ୍ୟ ରାଣୀମାନଙ୍କ ସହିତ ଯବନୀ ରାଣୀ ରେଜିୟାଙ୍କୁ ନେଇ ଶ୍ରୀମନ୍ଦିର ଦର୍ଶନରେ ଯାଇଥିବାବେଳେ ତାଙ୍କ ଅନ୍ନରେ ପ୍ରତିପାଳିତ ରାଜଗୁରୁ ଲକ୍ଷ୍ମୀପରମଗୁରୁ, ଉଚ୍ଚ ବର୍ଗର ବ୍ରାହ୍ମଣ, କିଛି ସେବାୟତ, କିଛି ଷଡ଼ଯନ୍ତ୍ରକାରୀ ତାଙ୍କୁ ଜାତିଭ୍ରଷ୍ଟ କହି ତାଙ୍କ ଶ୍ରୀମନ୍ଦିର ପ୍ରବେଶକୁ ବିରୋଧ କରିଥିଲେ । ଏପରି ପରିସ୍ଥିତିରେ ସେ ତିଳେମାତ୍ର ଚିନ୍ତିତ ମର୍ମାହତ ନହୋଇ ଶ୍ରୀଜଗନ୍ନାଥ ଦର୍ଶନ ଅଭିଳାଷ ପୂରଣ ପାଇଁ ସିଂହଦ୍ୱାର ଗୁମୁଟ ମଧ୍ୟରେ ଅସ୍ଥାୟୀ ଭାବେ ଶ୍ରୀଜଗନ୍ନାଥଙ୍କର ଏକ ଚିତ୍ର ଅଙ୍କନ କରିବାପାଇଁ ଆଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ମୁତାବକ ୧୭୩୬ ମସିହାରେ ସିଂହଦ୍ୱାର ଗୁମୁଟରେ ଏକକ ଶ୍ରୀଜଗନ୍ନାଥ (ପତିତପାବନ)ଙ୍କ ଚିତ୍ର ଅଙ୍କିତ ହୋଇଥିଲା। ଏ ସଂପର୍କରେ Board of Revenueରେ ସଂରକ୍ଷିତ Jagannath Temple Correspondance ପ୍ରଶାସନିକ ଦଲିଲରୁ ସୂଚନା ମିଳିଥାଏ।

ଐତିହାସିକ ମାନଙ୍କ ମତରେ ୭୩୬ ଖ୍ରୀଷ୍ଟାବ୍ଦରୁ ଓଡ଼ିଶାରେ ଭୌମକର ବଂଶର ରାଜତ୍ୱଠାରୁ ବୌଦ୍ଧଧର୍ମର ପ୍ରଭାବ ଶ୍ରୀମନ୍ଦିରରେ ସମାଧିକ ଭାବରେ ପଡ଼ିଥିଲା। ଭୌମକର ବଂଶୀୟ ରାଣୀ ଦ୍ୱିତୀୟ ତ୍ରିଭୁବନ ମହାଦେବୀଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ୮୯୦ ଖ୍ରୀଷ୍ଟାବ୍ଦରୁ ୮୯୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବୌଦ୍ଧ ବଜ୍ରଯାନ ଶ୍ରୀକ୍ଷେତ୍ରରେ ବ୍ୟାପକ ଥିଲା। ବୌଦ୍ଧଧର୍ମର ପ୍ରତୀକ ଚକ୍ର, ହସ୍ତୀ, ଶ୍ରୀମନ୍ଦିର ନୀତି, ସଂସ୍କୃତିରେ ବିଶେଷ ଭାବେ ଜଡ଼ିତ ଓ ପୂଜିତ ହେଉଥିଲେ। ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର, ପର୍ବରେ ଚକ୍ରପୂଜା, ଚକ୍ର ପରିକ୍ରମା ଗଜାନନବେଶ (ହସ୍ତୀବେଶ) ତାହାର ପ୍ରତିଫଳନ ବୋଲି ବିଶିଷ୍ଟ ଐତିହାସିକ ଡ. ମହତାବ ମତ ଦେଇଛନ୍ତି। କେତେକ ଗବେଷକଙ୍କ ମତରେ ଶ୍ରୀମନ୍ଦିର ଏକ ବୌଦ୍ଧସ୍ତୂପ ଉପରେ ନିର୍ମିତ ।

ଏ ଦୃଷ୍ଟିରୁ ବିଚାର କଲେ ପଣ୍ଡାଘରେ ୧୮ନମ୍ବର ପ୍ଲଟସ୍ଥ ପ୍ରାଚୀନ ପତିତପାବନ ମୂର୍ତ୍ତିରେ ବୌଦ୍ଧଙ୍କର କିଛି ସାମ୍ୟରହିବା ଅଯୌକ୍ତିକ ମନେହୁଏ ନାହିଁ । ଭୌମକର ବଂଶ ରାଜତ୍ୱ କାଳରେ ଶ୍ରୀକ୍ଷେତ୍ରରେ ବୌଦ୍ଧବଜ୍ରଯାନ ଏତେ ବଳବତ୍ତର ହୋଇ ଉଠିଥିଲା ଯେ ବ୍ରାହ୍ମଣ୍ୟ ଧର୍ମ ତାର ସ୍ଥାୟୀତ୍ୱ ହରାଇବା ଅବସ୍ଥାକୁ ଆସିଯାଇଥିଲା। ଉଇଲିୟଅମ୍ସଙ୍କ ମତରେ ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତି ବୌଦ୍ଧ ଧର୍ମ ସଂସ୍କୃତିର ଅନ୍ୟରୂପ। ପରବର୍ତ୍ତୀ ସମୟରେ ଆଦିଶଙ୍କରାଚାର୍ଯ୍ୟ ଓ ରାମାନୁଜାଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ପରେ ବ୍ରାହ୍ମଣ୍ୟ ଧର୍ମର ଉତ୍‌ଥାନ ହେବାରୁ ବୌଦ୍ଧମାନେ କ୍ରମଶଃ ଶ୍ରୀମନ୍ଦିରରୁ ବିତାଡ଼ିତ ହେଲେ। ଗଙ୍ଗବଂଶୀ ରାଜା ରାଘବ ଦେବଙ୍କ ପରେ ଚୋଡ଼ଗଙ୍ଗଦେବଙ୍କ ଅନ୍ୟଏକ ସୁପୁତ୍ର ଶ୍ରୀ ରାଜରାଜଦେବ ୧୧୩୭–୧୧୬୨ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ମାଦଳାପାଞ୍ଜିରେ ସେ ମଦନ ମହାଦେବ ଭାବେ ପରିଚିତ।

ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଓ ମୁଖ୍ୟସେବକ ମହାରାଜାଙ୍କୁ ଯେକୌଣସି ପ୍ରକାରରେ ତାଙ୍କ କୌଳିକ ଅଧିକାର ଶ୍ରୀଜଗନ୍ନାଥଙ୍କ ଅଙ୍ଗକୈବଲ୍ୟ ସେବା ପୂଜାରୁ ବଞ୍ଚିତ କରିବା ପାଇଁ ସେମାନେ ଲାଗିପଡ଼ିଥିଲେ। ରାଜାଙ୍କୁ ମନ୍ଦିର ବାସନ୍ଦ କରାଯାଇ ପାରିଲେ ଅନ୍ୟମାନେ ଆପେ ଆପେ ଦୂରେଇ ଯିବେ, ଏଣୁ ରାଜଗୁରୁ, ଉଚ୍ଚବର୍ଗର ବ୍ରହ୍ମଣମାନେ ତାଙ୍କୁ କେବଳ ମନ୍ଦିର ପ୍ରବେଶାଧିକାରରୁ ବଞ୍ଚିତ କରିନଥିଲେ, ଲୋକମୁଖରେ ତାଙ୍କୁ ସବୁଦିନ କଳଙ୍କିତ କରି ରଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ

ମଧ୍ୟରେ ପରିସ୍ଥିତିର ସୁଯୋଗ ଉଣ୍ଡି ଗୁମୁଟ ମଧ୍ୟରେ ପୂର୍ବଚିତ୍ରିତ ପତିତପାବନଙ୍କ ସ୍ଥାନରେ ଏକ ଅପ୍ରାକୃତିକ, ଅସ୍ୱାଭାବିକ ଅଣଶାସ୍ତ୍ରୀୟ ପ୍ରତୀକାତ୍ମକ ବିଗ୍ରହ ପରିକଳ୍ପନା କରି ଭକ୍ତଙ୍କ ମୁଖ୍ୟ ପ୍ରବେଶ ପଥରେ ଏପରି ଭାବରେ ସ୍ଥାପନ କରି ରଖିଥିଲେ ଯେ ସେବେଠୁଁ ଯେକେହି ଭକ୍ତ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କ ପ୍ରଥମ ଦର୍ଶନ ପାଇ ପୁରାଣ ପ୍ରସିଦ୍ଧ ପତିତପାବନ ଯେ ଅନନ୍ତକାଳରୁ ଶ୍ରୀମନ୍ଦିର ଭିତର ବେଢ଼ାରେ ପୁରାଣପଣ୍ଡା ଘରେ ପ୍ରତିଷ୍ଠିତ ଅଛନ୍ତି ଏକଥା କେବେବି ଭାବି ପାରିନଥାଏ। ଆଗନ୍ତୁକ ଦର୍ଶନାର୍ଥୀ ଭକ୍ତମାନେ ଜାତିଭ୍ରଷ୍ଟ ରାମଚନ୍ଦ୍ରଦେବଙ୍କ ବାହାରୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଏ ମୂର୍ତ୍ତି ପ୍ରତିଷ୍ଠିତ ବୋଲି ବୁଝିଥାଆନ୍ତି। ସକଳ ଲୀଳାର ଯେ ସୃଷ୍ଟି କର୍ତ୍ତା, ଯାହାଙ୍କ ଲୀଳା ଦେବତାଙ୍କ ପାଇଁ ମଧ୍ୟ ସଂପୂର୍ଣ୍ଣ ଅଜ୍ଞାତ, ତାଙ୍କ ଲୀଳା ରହସ୍ୟ ଜାଣିବା ପାଇଁ ଚେଷ୍ଟା କରିବା ମୂଢ଼ମାନବର କେବଳ ଧୃଷ୍ଟତା ମାତ୍ର। ଘନକୁହୁଡ଼ି ପଛରେ ନଧାଇଁ ଜୀବନରେ ଶାନ୍ତି, ସଦ୍‌ଗତି ପାଇବା ପାଇଁ ଶ୍ରୀମଦ୍ ଭଗବଦ୍ ଗୀତା ଧ୍ୟାନଯୋଗରେ ବିଶ୍ୱାସ ରଖି ଭକ୍ତ ନିଜକୁ ତାଙ୍କ ଚରଣରେ ସଂପୂର୍ଣ୍ଣ ସମର୍ପଣ କରି ଭାବଡ଼ୋରିରେ ବାନ୍ଧି ରଖିପାରିଲେ ସେ ସଦା ତାହାର ହୋଇ ରହିଥାଆନ୍ତି।

ଦରଜୀ ପୋଖରୀ ଛକ
ପୋଲିସ୍ ଲାଇନ୍ , ପୁରୀ –୨

# ଅଭିମାନିନୀ ସେ ଲକ୍ଷ୍ମୀ ଠାକୁରାଣୀ

ଶରତ କୁମାରୀ ମିଶ୍ର



ଅଭିମାନିନୀ ସେ ଲକ୍ଷ୍ମୀ ଠାକୁରାଣୀ
ମନର ବେଦନା ନେଇ
ଫେରିବା ବାଟକୁ ମହାପ୍ରଭୁଙ୍କର
ଆକୁଳେ ଅଛନ୍ତି ଚାହିଁ ।
ବିବାହ ଉତ୍ସବ ସରିଗଲା ପରେ
ଗଇଁଠାଳ ଖୋଲିନାହିଁ
ରଥେ ବିଜେ କଲେ ଜଗତ ଠାକୁର
ଭାଇ ଭଉଣୀଙ୍କୁ ନେଇ ।
ସେଇଥିପାଇଁ ସେ ହେରା ପଞ୍ଚମୀରେ
ରଥକୁ ଭାଙ୍ଗିଣ ଦେଇ
ବାହୁଡ଼ି ଆସିଲେ ନିଜ ମନ୍ଦିରକୁ
ମନ ଦୁଃଖ ଚାପି ନେଇ ।
ନୀଳାଦ୍ରି ବିଜୟ କରିବେ ଠାକୁର
ଗୋଟି ପହଣ୍ଡିରେ ଆସି
ନବଦିନ ଯାତ୍ରା ସୁନାବେଶ ସାରି
ଅଧରପଣା ପରଶି ।
ଆସିଲା ବେଳକୁ ମନ୍ଦିର ମଧ୍ୟକୁ
ବାଟ ଓଗାଳିଲେ ମାତା
ଭୁଲିଗଲ କି ହେ କଳାକାହ୍ନୁ ତୁମେ
ରୁକ୍ମିଣୀ ହରଣ କଥା ।
ତୁମରି କଥାରେ ଏକମତ ହୋଇ
ତୁମ ସାଥୀରେ ଆସିଲି
ସବୁକଥା ତୁମେ କିପରି ଭୁଲିଲ
ମୁଁତ ଭୁଲି ନପାରିଲି ।
ପ୍ରିୟାକୁ ବୁଝାଇ କମଳ ନୟନ
କହିଲେ ମଧୁର ବାଣୀ
ଆଉ ଏକ ରଥ ଯାତରା କରିବି
ତୁମ ପାଇଁ ଲକ୍ଷ୍ମୀ ରାଣୀ ।
ସେ ଯାତ୍ରାରେ ଭାଇ ଭଉଣୀ ଯିବେନି
ତୁମେ ଥିବ ମୋର ସାଥେ
ରସଗୋଲା ଭୋଗ ଖାଇଦିଅ ଆଜି
ପ୍ରିୟ ସଖୀ ମୋର ହାତେ ।
କବାଟ ଖୋଲିଲେ ମାନମୟୀ ଲକ୍ଷ୍ମୀ
ହୋଇଲା ମାନଭଞ୍ଜନ
ରଙ୍ଗ ଅଧରରେ ହସି ହସି ପ୍ରଭୁ
ମନ୍ଦିର କଲେ ଗମନ ।

ଏନ୍– ୫/୧୨୮
ଆଇଆର୍‌ସି ଭିଲେଜ, ଭୁବନେଶ୍ୱର